# Akashvani, Sambalpur

## SAMBALPURI NEWS EVENING BULLETIN

**19 April 2025- 7.02 pm- 7.12 pm.**

*******************************************

୧- ଭାରତ୍- ପୁର୍‌ଥିନ ନୂଆଁ ସୃଜନର୍ କେନ୍ଦ୍ର ପାଲ୍‌ଟିଛେ । ଆଇଆଇଏମ୍ ସମ୍ବଲପୁରର ସମାବର୍ତ୍ତନ ଉତ୍ସବ୍ ଥି କହେଲେ ଡକ୍ଟର ପ୍ରମୋଦ ମିଶ୍ର ।

୨- ବଲାଙ୍ଗିର୍ ଜିଲ୍ଲାନ କେନ୍ଦ୍ରୀୟ ବିଦ୍ୟାଳୟର୍ ଅସ୍ଥାୟୀ କେମ୍ପସ୍ ଉଦ୍‌ଘାଟନ୍ ଆଉ ସ୍ଥାୟୀ କେମ୍ପସ୍‌ର ନିହି ପକାଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

୩- ଆଏବା ୨୪ ତାରିଖ୍ ବଁଟାଯିବା ୬ ନମ୍ବର ଖେପ୍ ସୁଭଦ୍ରା ସାହାଜ୍ ଟଁକା ।

ଆଉର୍

୪- ରାଜ୍ୟସ୍ତରୀୟ ପୋଷଣ ପକ୍ଷ ପାଲନ୍ ସମାରୋହ ଶୁଭାରମ୍ଭ୍ କଲେ ମୁଖ୍ୟମନ୍ତ୍ରୀ- ସୁସ୍ଥ ମାନବ୍ ସମ୍ବଲ୍ ଗଢବାର୍ ଲାଗି ଦେଲେ ଆହ୍ୱାନ୍ ।

ଆଇଆଇଏମ୍ ସମ୍ବଲପୁର ସମ୍ବଲପୁର

ସମ୍ବାଦଦାତା

ଭାରତ୍ ଇଲୋକ୍ଟ୍ରୋନିକ୍ସ, ଫାର୍ମା ଆଉ ଲଜିଷ୍ଟିକ୍ କ୍ଷେତ୍ରଥି ଯୋର୍‌ରେ ଆଗ୍‌କେ ବଢୁଛେ । ଦେଶ୍ ପୁର୍‌ଥିନ ନବସୃଜନ କେନ୍ଦ୍ରସ୍ଥଲ ହେବାର୍ ସହେତେ ଷ୍ଟାଟପ୍ କ୍ଷେତ୍ରଥି ୩ ନମ୍ବର୍ ବଡ୍‌ଦେଶ୍ ହେଇଛେ ବଲି ପ୍ରଧାନମନ୍ତ୍ରୀଙ୍କର ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର କହିଛନ୍ । ଆଇଆଇଏମ୍ ସମ୍ବଲପୁରର ୯ନମ୍ବର ସମାବର୍ତନ ଉତ୍ସବଥି ମୁଖ୍ୟଅତିଥି ଭାବେ ଯୋଗଦେଇକରି ଡକ୍ଟର ମିଶ୍ର କହିଛନ୍, ଆଇଆଇଏମ୍ ସମ୍ବଲପୁର ପଶ୍ଚିମ୍‌ଓଡିଶାର୍ ବୁଣାକାର୍ ମାନ୍‌କୁ ନୁଆଁ ଦିଗ୍ ଦେଖଉଛେ । ଯୋର୍‌ସେ ବଢୁଥିବାର୍ ଦେଶର୍ ଅର୍ଥନୈତିକ ଅଭିବୃଦ୍ଧିକେ ପ୍ରଶଂସା କର୍‌ବାର୍ ସହେତେ ଜି-୨୦ର ସଫଳ ଆୟୋଜନ୍ ଲାଗି ପୁର୍‌ଥିନ ଭାରତର୍ ଜିଓ ପଲିଟିକାଲ୍ ପ୍ରଭାବ୍ ବଢୁଛେ ବଲି ଡକ୍ଟର ମିଶ୍ର କହିଛନ୍ ।

ସମାବର୍ତନ ଉତ୍ସବ୍ ଥି ୬ ଝନ୍‌କୁ ପିଏଚ୍‌ଡି, ୩୧୩ ଝନ୍‌କୁ ଏମ୍‌ବିଏ ଡିଗ୍ରୀ ଦିଆଯାଇଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ବଲାଙ୍ଗୀର ଗସ୍ତ ପ୍ରେସ୍ ରିଲିଜ୍

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଏଜ୍ ବଲାଙ୍ଗୀର ଜିଲ୍ଲା ଗସ୍ତ କରି କରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ଟିଟିଲାଗଡ଼ ଆଉ ପାଟଣାଗଡ଼ଠାନେ କେନ୍ଦ୍ରୀୟ ବିଦ୍ୟାଳୟର୍ ଅସ୍ଥାୟୀ କେମ୍ପସ୍ ଉଦ୍‌ଘାଟନ୍ କର୍‌ବାର୍ ସହେତେ ସ୍ଥାୟୀ କେମ୍ପସ୍ ଲାଗି ଭୂମି ପୂଜନ୍ କରିଛନ୍ । ଇ ଅବ୍‌ସରେ ଉଦ୍‌ବୋଧନ୍ ଦେଇକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍, ବଲାଙ୍ଗୀର ଜିଲ୍ଲାନ ଶିକ୍ଷାର୍ ବିକାଶ୍ ଲାଗି ସରକାର ଶହେ ୨୦ କୋଟିନୁ ଅଏତ୍‌କା ଟଙ୍କାର୍ ବ୍ୟୟବରାଦ୍ କରିଛନ୍ ।

ଜିଲ୍ଲାନ ଦୁଇଟା କେନ୍ଦ୍ରୀୟ ବିଦ୍ୟାଳୟ ଥାପ୍‌ନା ଲାଗି ୬୦ କୋଟି, ୨୧ଟା ବିଦ୍ୟାଳୟକେ ପିଏମ୍‌ଶ୍ରୀ ସ୍କୁଲ୍ ହିସାବେ ବିକଶିତ୍ କର୍‌ବାର୍ ଲାଗି ପାଖାପାଖି ୫ ଶହ ୪୨ କୋଟି ଟଙ୍କା ଆଉ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକେ ୨୦ କୋଟି ଟଙ୍କା ପିଏମ୍ ଉଷା ଯୋଜ୍‌ନାଥି ଦିଆଯାଇଛେ । ଶିକ୍ଷା ସହେତେ ଗମନାଗମନ୍, ରେଲ୍ ଯୋଗାଯୋଗ୍ ସବୁ କ୍ଷେତ୍ରଥି ଜିଲ୍ଲାକେ ପ୍ରାଥମିକ୍‌ତା ଦିଆଯାଉଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ । ଇତାର୍ ସହେତେ ଶ୍ରୀ ପ୍ରଧାନ ଜିଲ୍ଲାନ ଗୁଟେ ଏଗ୍ ପ୍ରୋସେସିଂ ପ୍ଲାଂଟ୍‌ର ଉଦ୍‌ଘାଟନ୍ କରି କରି ଦଳୀୟ କର୍ମୀ ସମ୍ମିଳନୀଥି ଯୋଗ୍ ଦେଇଥିଲେ ।

ୟୁପିଆଇ ଜିଏସ୍‌ଟି ଆର୍‌ଏନ୍‌ୟୁ କଟକ

୨୦୦୦ ଟଙ୍କାନୁ ଅଏତ୍‌କା ଦାମ୍‌ର ୟୁପିଆଇ କାର୍‌ବାର୍ ଉପ୍‌ରେ ଜିଏସ୍‌ଟି ଲାଗୁ ନାଇଁହଏ ବଲି ଅର୍ଥ ମନ୍ତ୍ରଣାଳୟ ତର୍‌ଫୁ ସୂଚନା ଦିଆଯାଇଛେ । ଲୋକ୍‌ମାନେ ବ୍ୟବସାୟି ମାନ୍‌କୁ ଦେଉଥିବା ୟୁପିଆଇ ପେମେଟ୍ ନୁ ମର୍‌ଚାଁଟ୍ ଡିସ୍‌କାଉଟ୍ ରେଟ୍ - ଏମ୍‌ଡିଆର୍ ୨୦୨୦ ମସିହା ଜାନୁଆରୀ ମାସୁ ଉଠେଇଦିଆଯାଇଥିବାନୁ ୟୁପିଆଇ କାର୍‌ବାର୍ ଉପ୍‌ରେ ଜିଏସ୍‌ଟି ଲାଗୁ ନାଇଁ ହେବାର ବଲି ମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ ।

ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ସମ୍ବଲପୁର

ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପରଦିନ ୨୧ ତାରିଖ ସମ୍ବଲପୁର୍ ନ ଜନ ଅଭିଯୋଗ୍ ଶୁଣାଣି କର୍‌ବେ । ଦୁର୍ଗାପାଲି ଠାନେ ଥିବା ସମ୍ବଲପୁର୍ ମହାନଗର୍ ନିଗମ୍ କାର୍ଯ୍ୟାଳୟ ଠାନେ ଜନଶୁଣାଣି ହେବା । ଇଥି ୧୦ଟା ଜିଲ୍ଲାର୍ ଲୁକେ ନିଜର୍ ନିଜର୍ ଅଭିଯୋଗ ଧରିକରି ମୁଖ୍ୟମନ୍ତ୍ରୀଙ୍କର୍ ପାଖ୍‌କେ ଆସ୍‌ବେ । ପଞ୍ଜିକୃତ ଆବେଦନ୍‌କାରୀମାନେ ସେମାନ୍‌କର୍ ପଞ୍ଜିକରଣ ପ୍ରାପ୍ତି ପତ୍ର ଆଉ ବ୍ୟକ୍ତିଗତ ପରିଚୟ ପତ୍ର ସଙ୍ଗେ ଅଭିଯୋଗ୍ ପତ୍ର ଧରିକରି ସଖାଲର୍ ୮ ବଜେ ମହାନଗର୍ ନିଗମ୍ କାର୍ଯ୍ୟାଳୟ ନ ପୁହୁଁଚିବାର୍‌କେ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସେଆଡେ ଜନଶୁଣାଣି ଶିବିରକେ ନେଇକରି ପ୍ରଶାସନ ତରଫୁ ଜୋର୍‌ଦାର ପ୍ରସ୍ତୁତି ଚାଲିଛେ । ପଂଚାୟତିରାଜ ଆଉ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ଆଏଜ୍ ପ୍ରସ୍ତୁତି ତଦାରଖ୍ କରିଛନ୍ । ସ୍ଥିତି ସମୀକ୍ଷା କଲା ଉତ୍‌ରୁ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍.......

(ଭଏସ୍ ଓଭର-----ମନ୍ତ୍ରୀ ରବି ନାଏକ)

ନିଶୁଳ୍କ ଫାଇବ୍ରୋସ୍କାନ                                    ଆର୍‌ଏନ୍‌ୟୁ କଟକ

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜ୍ ଆଉ ହସ୍‌ପିଟାଲ୍ ନ ମାହାଲିଆ ଫାଇବ୍ରୋସ୍କାନ୍ ସେବା ମିଳୁଛେ । ବର୍ହିବିଭାଗନ ଇ ସୁବିଧା ମିଳିପାରୁଛେ । ମାସର୍ ୨ ନମ୍ବର ୩ ନମ୍ବରେ ଆଉ ୪ ନମ୍ବର ମଙ୍ଗଲ୍‌ବାର୍ ଦିନ ମେଡିସିନ୍ ବର୍ହିବିଭାଗନ ଇ ସେବା ପୁରା ମାହାଲିଆ ଦିଆଯାଉଛେ । ଫାଇବ୍ରୋସ୍କାନଥି ଜଣ୍ଡିସ୍ ଛଡା ଲିଭର୍‌ସିରୋସିସ୍ ଆଉ ଲିଭର୍ କେନ୍‌ସର୍ ବାଗିର୍ ରୋଗର୍ ଚିହ୍ନଟ୍ ସହେତେ ଠିକ୍ ଚିକିତ୍ସା ପଦ୍ଧତି ନିର୍ଣ୍ଣୟ କରାଯାଏସି ।

ବିଜେଡି ସଭାପତି ପଦ                                    ଆର୍‌ଏନ୍‌ୟୁ କଟକ

ବିଜୁ ଜନତା ଦଳ ସାଂଗଠନିକ୍ ନିର୍ବାଚନ୍ ଥି ନବୀନ ପଟ୍ଟନାୟକ୍ ୯ ନମ୍ବର ଥର୍‌ଲାଗି ନିର୍ଦ୍ୱନ୍ଦ ଥି ରାଜ୍ୟ ସଭାପତି ଭାବେ ନିର୍ବାଚିତ ହେଇଛନ୍ । ଇ ବାବ୍‌ଦେ ଦଳର ନିର୍ବାଚନ୍ ଅଧିକାରୀ ପ୍ରଦାପ ଦେ ଘୋଷଣା କରିଛନ୍ । ଇତାର୍ ଉତାରୁ ବାକିଥିବା ୧୫ଟା ସାଂଗଠନିକ୍ ଜିଲ୍ଲା ସଭାପତି, ରାଜ୍ୟ କାର୍ଯ୍ୟକାରିଣୀ କମିଟି ଆର୍ ବ୍ଲକ୍ ଆଉ ନଗର୍ ସଭାପତିମାନ୍‌କର୍ ନାଁ ଘୋଷଣା ହେବା । ଇନ ଜନେଇ ଦିଆଯାଇପାରେ ଯେ ଗଲା ୧୭ ତାରିଖ୍ ଦିନ ଭୁବନେଶ୍ୱର ଠାନେ ଥିବା ବିଜେଡିର ମୁଖ୍ୟାଳୟ ଶଙ୍ଖ ଭବନନ ଏକ୍‌ଲା ଝନେ ପ୍ରାର୍ଥୀ ଭାବେ ନବୀନ ପଟ୍ଟନାୟକ ତାଙ୍କର୍ ନାମାଙ୍କନ ପତ୍ର ଦାଖଲ କରିଥିଲେ ।

ସୁଭଦ୍ରା ସାହାଜ୍ ଭୁବନେଶ୍ୱର

ସମ୍ବାଦଦାତା

ସୁଭଦ୍ରା ଯୋଜ୍‌ନାର୍ ୬ ନମ୍ବର ଖେପ୍ ସାହାଜ୍ ଟଙ୍କା ଆଏବା ୨୪ ତାରିଖ୍ ହିତାଧିକାରୀମାନଙ୍କୁ ଦିଆଯିବା । ୧ ଲାଖ୍ ୭୦ ହଜାର ହିତାଧିକାରୀଙ୍କର ଆକାଉଂଟକେ ଏକାସଙ୍ଗେ ଦୁଇଟା କିସ୍ତିର୍ ସାହାଜ୍ ଟଙ୍କା ଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ । ଇ ବାବ୍‌ଦେ ଗଣମାଧମକେ ସୂଚ୍‌ନା ଦେଇକରି ଶ୍ରୀମତୀ ପରିଡ଼ା କହିଛନ୍, ଇ ବଛର୍ ମାର୍ଚ୍ଚ ୩୧ ତକ୍ ଆବେଦନ୍

କରିଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଏପ୍ରିଲ ୨୪ ତାରିଖ୍ ପଂଚାୟତିରାଜ୍ ଦିବସ୍ ଅବ୍‌ସରେ ପୁରୀଠାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ସାହାଜ୍ ଟଙ୍କା ବାଂଟ୍‌ବେ ।

ସୂଚ୍‌ନା ଅନ୍‌ସାରେ ଯୋଜ୍‌ନା ଥି ୧ କୋଟି ୬୫ ହଜାର ୮ ଶହ ୭୭ ଝନ୍ ମହିଲା ପହେଲା କିସ୍ତିଥି ସାହାଜ୍ ଟଁକା ପାଇଛନ୍ । ସେନ୍ତା ୨ ନମ୍ବର କିସ୍ତିଥି ୯୮ଲାଖ୍ ୮୨ ହଜାର୍ ୯୨ ଝନ୍ ମହିଲା ସାହାଜ୍ ଟଁକା ପାଇଛନ୍ ।

ପୋଷଣ ପକ୍ଷ I & PR

ସମୃଦ୍ ରାଜ୍ୟ ଗଠନ୍ ଲାଗି ଓଡିଶାକେ କୁ ପୋଷଣ ମୁକ୍ତ କର୍‌ବାର୍ କେ ରାଜ୍ୟ ସର୍‌କାର୍ ଅଏତ୍‌କା ଧିଆନ୍ ଦଉଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ । ଭୁବନେଶ୍ୱର ମହିଲା ଆଉ ଶିଶୁ ପ୍ରତିଷ୍ଠାନ ଠାନେ ହେଇଥିବା ରାଜ୍ୟ ସ୍ତରୀୟ ପୋଷଣ ପକ୍ଷ ୨୦୨୫ ପାଲନ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଏଜେ ପୋଷଣ ଅଭିଯାନକେ ସଫଳ କରିକରି ସୁସ୍ଥ ମାନବ ସମ୍ବଲ ତିଆରି କର୍‌ବାର୍ ଲାଗି ଆହ୍ୱାନ ଦେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍ ପିଲାମାନ୍‌କୁ ପୋଷଣ ଥିବା ଖାଦ୍ୟ ଦେବାର୍‌ଲାଗି ସର୍‌କାର୍ ଓଡିଶା ପୁଷ୍ଟି ମିଶନ୍‌ଥି ୧୦୦କୋଟି ଟଙ୍କା ବ୍ୟୟ ବରାଦ୍ କରିଛନ୍ । ସେନ୍ତା କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍ ମିଶିକରି ପୋଷଣ ଅଭିଯାନ୍‌ଥି ୨୮୪କୋଟି ଟଙ୍କା ଅନୁଦାନ କରିଛନ୍ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

(ଭଏସ୍‌ଓଭର---ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଲକ୍ଷ୍ମୀସାଗର-ଝାରପଡା ଠାନେ ଥିବା ରାଜ୍ୟ ମହିଲା ଆଉ ଶିଶୁ ପ୍ରତିଷ୍ଠାନ ନ ୮୪ ଶଯ୍ୟାର ଗୁଟେ ନୂଆଁ ହସ୍‌ଟେଲ ଉଦ୍‌ଘାଟନ୍ କର୍‌ବାର୍ ସହେତେ ଲାଇବ୍ରେରୀ ଆଉ ଅଙ୍ଗନବାଡି ତାଲିମ୍ କେନ୍ଦ୍ର ଉଦ୍‌ଘାଟନ୍ କରିଛନ୍ । ପ୍ରତିଷ୍ଠାନର ୮ଟା କୁଠାକେ ଓଡିଶାର୍ ମହିୟସି ମହିଲା ମାନଙ୍କର୍ ନାଁଥି ରଖ୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ ।

ଓଡ଼ିଆ ସପ୍ତାହ ପାଳିତ                    ସୁବର୍ଣ୍ଣପୁର

ସମ୍ବାଦଦାତା

ଓଡ଼ିଆ ଭାଷା, ଲିପିର୍ ସମୃଦ୍ଧି ଲାଗି ଆଉ ପ୍ରଶାସନିକ୍ ସ୍ତରେ ଓଡ଼ିଆ ଭାଷାର୍ ବ୍ୟବହାର୍ ବର୍‌ବାର ଦିଗେ ପଦ୍‌କ୍ଷେପ୍ ତୁର୍‌ତି କର୍‌ବାର ଲାଗି  ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଆଏଜ୍ ଓଡ଼ିଆ ସପ୍ତାହ ପାଳିତ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲାପାଳ କାର୍ଯ୍ୟାଳୟର୍ କର୍ମଚାରୀମାନ୍‌କର ଭିତ୍‌ରେ ‘ସମାଜ୍ ବିକାଶ୍‌ରେ ଆମ ଭାଷା, ସଂସ୍କୃତିର୍ ଭୂମିକା’ ଶୀର୍ଷକ୍‌ଥି ପ୍ରବନ୍ଧ ଲିଖନ୍ ଆଉ ‘ପ୍ରଶାସନିକ୍ ବିଧି ବ୍ୟବସ୍ଥାରେ ଓଡ଼ିଆ ଭାଷାର ଗୁରୁତ୍ୱ’ ଶୀର୍ଷକଥି ବକ୍ତୃତା ପ୍ରତିଯୋଗିତା କରାଯାଇକରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ୍ କରାଯାଇଥିଲା ।

ପୁଲିସର ଜନସମ୍ପର୍କ ଶିବିର ବୌଦ୍ଧ

ସମ୍ବାଦ୍‌ଦାତା

ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଶଗଡ଼ା ପଂଚାୟତ୍‌ର ମାଳତିଗୋଛାପଡ଼ା ଗାଁନ ପୁଲିସ୍‌ର ଜନସମ୍ପର୍କ ଶିବିର୍ ହେଇଯାଇଛେ । ଶିବିର୍‌ଥି ଏସ୍‌ପି ରାହୁଲ ଗୋୟଲ୍ ଯୋଗ୍ ଦେଇକରି ଇଲାକାର୍ ଲୁକ୍‌କର ଭିନ୍ ଭିନ୍ ସମସ୍ୟା ଉପ୍‌ରେ ଆଲୋଚନା କରିଛନ୍ । ପୁଲିସ୍ ଲୁକ୍‌କର ସୁରକ୍ଷା ଲାଗି ରହିଛେ ଆଉ ସବୁବେଲେ ପୁଲିସ୍‌କେ ସହଯୋଗ୍ କର୍‌ବାର ଲାଗି ଆଗ୍‌କେ ଆସ୍‌ବାର୍‌କେ ଏସ୍‌ପି ଇ ଅବ୍‌ସରେ କହିଛନ୍ । କାର୍ଯ୍ୟକ୍ରମଥି ଛୁଆମାନ୍‌କୁ ପାଠ୍ୟପୁସ୍ତକ୍, ଖେଲ୍ ଦରବ୍ ଆଉ ଭିନ୍ ଭିନ୍ ଘର୍‌କର୍‌ନା ଦରବ୍ ପୁଲିସ୍ ତର୍‌ଫୁ ବଂଟା ଯାଇଥିଲା ।

କଳିଙ୍ଗ ସୁପର୍‌କପ୍ ଫୁଟବଲ୍ I&PR

ଦେଶର ବଛାବଛା ୧୫ ଟା ଫୁଟ୍‌ବଲ୍ ଦଲକେ ନେଇକରି ଆଏବା କାଏଲ୍ ଠାନୁ ଭୁବନେଶ୍ୱର କଳିଙ୍ଗଷ୍ଟାଡିୟମ ଠାନେ କଳିଙ୍ଗ ସୁପର୍ କପ୍ -୨୦୨୫ ଟୁର୍ଣ୍ଣାମେଂଟ ମୂଲ୍ ହେବା । ରାଜ୍ୟ କ୍ରୀଡ଼ା ବିଭାଗ ଆଉ ସର୍ବଭାରତୀୟ ଫୁଟବଲ୍ ସଂଘର୍ ମିଳିତ୍ ସହଯୋଗ ଥି ହେବାର କେ ଥିବା ଟୁର୍ଣ୍ଣାମେଂଟ୍ ଥି

ଆଇଏସଏଲ୍‌ର ୧୩ ଟା ଆଉ ଆଇ-ଲିଗ୍ ର ୨ଟା ଦଳ ଭାଗ ନେଉଛନ୍ । ଟୁର୍ଣ୍ଣାମେଂଟ୍ ମେ ୩ ତାରିଖ ତକ୍ ଚାଲବା । ମେଚ୍ ଖେଲ୍‌ବାର ଲାଗି ଫୁଟବଲ୍ ଟିମ୍‌ମାନେ ଆଏଜ୍ ଓଡ଼ିଶା ପୁହୁଁଚିଛନ୍ ବଲି କର୍ତ୍ତୃପକ୍ଷଙ୍କ ତରଫୁ ସୁଚନା ଦିଆଯାଇଛେ ।

ବିଶ୍ୱ ଯକୃତ୍ ଦିବସ୍ ଆର୍‌ଏନ୍‌ୟୁ କଟକ

ଯକୃତ୍‌ର ଠିକ୍ କରି ଯତନ୍ ନେବାର ଆଉ ଇତାର୍ ସମସ୍ୟା ବିଶେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ବିଶ୍ୱ ଯକୃତ୍ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ 'ଖାଦ୍ୟ ହିଁ ମହୌଷଧି'

ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା ଖାଏବାର୍ ତେଲ୍ ବ୍ୟବହାର୍‌କେ  କମ୍‌ସେ କମ୍ ୧୦ ପ୍ରତିଶତ୍ କମାବାର୍‌କେ ସମ୍‌କୁ ପରାମର୍ଶ ଦେଇଛନ୍ । ବିଶ୍ୱ ଯକୃତ୍ ଦିବସ୍ ଅବ୍‌ସରେ ସୁସ୍ଥ ଜୀବନ ଶୈଳି ଅପ୍‌ନାବାର୍ ଲାଗି ସପଥ୍ ନେବାକେ ସେ କହିଛନ୍ । ସାମାଜିକ ଗଣମାଧ୍ୟମ ପୋଷ୍ଟଥି ଶ୍ରୀ ନଡ୍ଡା କହିଛନ୍ ଜୀବନ ଶୈଳୀ ଆଉ ଖାଏବାରଥି ଛୋଟ୍ ଛୋଟ୍ ପରିବର୍ତନ କର୍‌ଲେ ଇତାର୍ ଗୁରୁତ୍ୱପୂର୍ଣ୍ଣ ଫଲାଫଲ୍ ମିଲିଥିସି ।

ଇ ପୋଷ୍ଟ ଉପ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତେଲ୍ ବେଭାର୍ କମାବାର୍ ବାଗିର୍ ସରଲ୍ ପଦକ୍ଷେପ୍ ସୁସ୍ଥ ଜୀବନ ଶୈଳୀ

ଉପ୍ରେ ଭରପୁର୍ ପ୍ରଭାବ୍ ପକାବା ବଲି ଆଶାବ୍ୟକ୍ତ କରିଛନ୍ । ମେଦବହୁଲତାର୍ କାରଣ ଆଉ ନିରାକରଣ ବାବ୍ଦେ ସଚେତନତା ସୃଷ୍ଟି କର୍ବାର୍ ଉପ୍ରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଜୋର୍ ଦେଇଛନ୍ ।

ପାଣିପାଗ ଆର୍ଏନ୍ୟୁ/

ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍ରେ କଳାହାଣ୍ଡି, ନୂଆପଡା, ବଲାଙ୍ଗିର, ସୁନ୍ଦରଗଡ ସହେତେ ରାଜ୍ୟ ୨୪ଟା ଜିଲ୍ଲାନ ଧୁକାଗର୍ଡି ସହେତେ ହାଲ୍କା ବର୍ଷା ହେଇପାରେ । ସୁନ୍ଦରଗଡ, ନୂଆପଡା, କଳାହାଣ୍ଡି ସହେତେ ୧୦ଟା ଜିଲ୍ଲାକେ ଜବର ଧୁକାଗର୍ଡି ଆଉ ବର୍ଷା ନେଇକରି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ତରଫୁ ସତର୍କ କରାଯାଇଛେ ।